# NATIONAL NEWS BULLETIN (ODIA)

**15 March - 2024**

**Mid Bulletin : 1.50 p.m.**

## ମୁଖ୍ୟ ସମ୍ବାଦ

- ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ତେଲଙ୍ଗାନାର ମଲ୍‌କାଜଗିରି ଠାରେ ଏକ ରୋଡ୍ ଶୋ' କରିବେ ।

- ନବନିଯୁକ୍ତ ନିର୍ବାଚନ କମିଶନର - ଜ୍ଞାନେଶ କୁମାର ଓ ସୁଖବୀର ସିଂ ସାନ୍ଧୁ ଆଜି ସେମାନଙ୍କର କାର୍ଯ୍ୟଭାର ଗ୍ରହଣ କରିଛନ୍ତି ।

- ନିର୍ବାଚନ କମିଶନ ଆସନ୍ତାକାଲି ଲୋକସଭା ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିବ ।

- ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଦେଶକୁ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ଓ ଏହା ଆହୁରି ବୃଦ୍ଧି ପାଇବାର ଅନୁମାନ କରାଯାଉଛି ।

ଏବଂ

- ରୁଷର ୩ଦିନ ବ୍ୟାପୀ ରାଷ୍ଟ୍ରପତି ନିର୍ବାଚନ ପାଇଁ ମତଦାନ ଆରମ୍ଭ ହୋଇଛି ।

# ପିଏମ୍-ତେଲଙ୍ଗାନା ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ସନ୍ଧ୍ୟାରେ ତେଲଙ୍ଗାନାର ମଲ୍‌କାଜଗିରି ଠାରେ ଏକ ରୋଡ୍ ଶୋ' କରିବେ । ସେହି ରୋଡ୍ ଶୋ' ମିର୍ଜାଲଗୁଡ଼ା ରୁ ମଲକାଜଗିରି ଚୌରାସ୍ତା ପର୍ଯ୍ୟନ୍ତ ଯିବ । ଏଥିପାଇଁ କଡ଼ା ନିରାପତ୍ତା ବ୍ୟବସ୍ଥା ଗ୍ରହଣ କରାଯାଇଛି । ହାଇଦ୍ରାବାଦ ରାଜଭବନରେ ରାତ୍ରିଯାପନ କରିବା ପରେ ପ୍ରଧାନମନ୍ତ୍ରୀ ଆସନ୍ତାକାଲି ସକାଳେ ନଗର କୁର୍ଣ୍ଣୁଲ୍ ରେ ପହଞ୍ଚିବେ ଓ ସେଠାରେ ଏକ ସଭାରେ ଉଦ୍‌ବୋଧନ ଦେବେ । ଆଉ ଏକ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ଜାଗିତ୍ୟାଲ୍ ଠାରେ ଏକ ର୍‍ୟାଲିରେ ଉଦ୍‌ବୋଧନ ଦେବେ ।

ଆମ ସମ୍ବାଦଦାତା ଜଣାଇଛନ୍ତି ଗତ ୧୦ ଦିନ ମଧ୍ୟରେ ପ୍ରଧାନମନ୍ତ୍ରୀଙ୍କର ତେଲଙ୍ଗାନାକୁ ଏହା ଦ୍ୱିତୀୟ ଗସ୍ତ ହେବ ।

# ଭିପି-ହାଇଦ୍ରାବାଦ ଭିଜିଟ୍

ଉପରାଷ୍ଟ୍ରପତି ଜଗଦୀପ ଧନଖଡ଼ ଆସନ୍ତାକାଲିଠାରୁ ତେଲଙ୍ଗାନାକୁ ୨ଦିନ ଗସ୍ତରେ ଯିବେ । ଏହି ସମୟରେ ସେ ହାଇଦ୍ରାବାଦର ଶାନ୍ତି ବନମ୍ ଠାରେ ବିଶ୍ୱ ଆଧ୍ୟାତ୍ମିକ ମହୋତ୍ସବର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥି ହେବେ ।

# ଏପି-ପିଏମ୍ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୧୭ ତାରିଖ ଦିନ ଆନ୍ଧ୍ରପ୍ରଦେଶର ଚିଲାକାଲୁରିପେଟା ଠାରେ ଏକ ବୈଠକରେ ଯୋଗଦେବେ । ୧୭ ତାରିଖ ଦିନ ସେ ଆନ୍ଧ୍ରପ୍ରଦେଶ ଗସ୍ତରେ ଯିବେ । ବିଜେପି, ତେଲୁଗୁଦେଶମ ପାର୍ଟି ଓ ଜନସେନା ପାର୍ଟିର ମିଳିତ ବୈଠକରେ ସେ ଅଂଶ ଗ୍ରହଣ କରିବେ ଓ ସାଧାରଣ ନିର୍ବାଚନ ଏବଂ ବିଧାନସଭା ନିର୍ବାଚନ ପାଇଁ ରଣକୌଶଳ ପ୍ରସ୍ତୁତ କରିବେ । ତେଲୁଗୁଦେଶମ୍ ପାର୍ଟି ୫ ବର୍ଷ ପରେ NDAରେ ସାମିଲ ହୋଇଛି ।

# ଇଲେକ୍ସନ କମିଶନ ଚାର୍ଜ

ନବନିଯୁକ୍ତ ନିର୍ବାଚନ କମିଶନର - ଜ୍ଞାନେଶ କୁମାର ଓ ସୁଖବୀର ସିଂ ସାନ୍ଧୁ ଆଜି ସେମାନଙ୍କର କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ନିର୍ବାଚନ କମିଶନ ପକ୍ଷରୁ ଏକ ବିବୃତିରେ କୁହାଯାଇଛି ମୁଖ୍ୟ ନିର୍ବାଚନ କମିଶନର ରାଜୀବ କୁମାର  ଦୁଇ ଜଣଯାକ ନୂଆ ନିର୍ବାଚନ କମିଶନରଙ୍କୁ ନିର୍ବାଚନ ସଦନ ଠାରେ ସ୍ୱାଗତ କରିଥିଲେ । ଆଗକୁ ଲୋକସଭା ନିର୍ବାଚନ ଥିବାରୁ ସେହି ଦୁଇ ନିର୍ବାଚନ କମିଶନରଙ୍କ ଯୋଗଦାନର ଗୁରୁତ୍ୱ ବିଷୟରେ ସେ ଉଲ୍ଲେଖ କରିଥିଲେ ।

# ସୀତାରମଣ-ଇକୋନମିକ୍

ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ କହିଛନ୍ତି ଦେଶକୁ ପ୍ରତ୍ୟକ୍ଷ ବିଦେଶୀ ପୁଞ୍ଜି ନିବେଶ ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି ଓ ଏହା ଆହୁରି ବୃଦ୍ଧି ପାଇବାର ଅନୁମାନ କରାଯାଉଛି । ଏକ ବେସରକାରୀ ସମ୍ବାଦ ଚ୍ୟାନେଲ୍‌ରେ ଦେଇଥିବା ସାକ୍ଷାତକାରରେ ସେ କହିଛନ୍ତି ବିଭିନ୍ନ କ୍ଷେତ୍ରରେ ସଂସ୍କାର ଆଣିବାରେ କେନ୍ଦ୍ର, ରାଜ୍ୟ ଓ ସ୍ଥାନୀୟ ସ୍ୱାୟତ୍ତ ସଂସ୍ଥାଗୁଡ଼ିକ ମଧ୍ୟରେ ଅଧିକ ସମନ୍ୱୟର ଯଥେଷ୍ଟ ଆବଶ୍ୟକତା ରହିଛି । ଏହା ହେଲେ ସମସ୍ତ ଯୋଜନାର ସୁଫଳ ସମାଜର ତଳସ୍ତରରେ ପହଞ୍ଚିବ । ମନ୍ତ୍ରୀ କହିଛନ୍ତି ସର୍ବସାଧାରଣଙ୍କୁ ମୌଳିକ ସୁବିଧା ଯୋଗାଇ ଦେଇ ସେମାନଙ୍କୁ କ୍ଷମତାପନ୍ନ କରାଯିବା ଦ୍ୱାରା ଲୋକମାନଙ୍କୁ ସେମାନଙ୍କର ଅଧିକାର ମିଳିପାରିବ । ସରକାର ଅତ୍ୟାଧୁନିକ ବୈଷୟିକ ଜ୍ଞାନ ଉପରେ ଦକ୍ଷତା ତାଲିମ ପ୍ରଦାନରେ ବଡ଼ ସଫଳତା ହାସଲ କରିଥିବାର ସେ ଜଣାଇଚନ୍ତି । ସେ କହିଛନ୍ତି ଆର୍ଟିଫିସିଆଲ୍ ଇଣ୍ଟେଲିଜେନ୍ସ ଓ ଡ୍ରୋନ୍ ବୈଷୟିକ ଜ୍ଞାନ ଭଳି ଆଧୁନିକ ବ୍ୟବସ୍ଥାରେ ତାଲିମ ଦିଆଯାଉଛି । ଅର୍ଥମନ୍ତ୍ରୀ କହିଛନ୍ତି ଲୋକମାନଙ୍କର ସଞ୍ଚୟ ଓ ଚାହିଦା ବୃଦ୍ଧି ପାଇଁ ସରକାର ଅନେକ ଯୋଜନା ଆଣୁଛନ୍ତି ।

ନିର୍ବାଚନ ବଣ୍ଡ ଯୋଜନା ବିଷୟରେ କିଛି ପ୍ରଶ୍ନର ଉତ୍ତର ଦେଇ ସେ କହିଛନ୍ତି ଏ ସମ୍ବନ୍ଧୀୟ ତଥ୍ୟ ପ୍ରକାଶ ପାଇବା ପରେ ଅନେକ କଳ୍ପନା ଜଳ୍ପନା ସୃଷ୍ଟି ହୋଇଛି । ନିର୍ବାଚନ ବଣ୍ଡ୍ ର ଅସୁବିଧା ବିଷୟ ଉପରେ ସେ କହିଛନ୍ତି ଏହା ପୂର୍ବ ବ୍ୟବସ୍ଥା ଠାରୁ କିଛି ମାତ୍ରାରେ ଭଲ ଥିଲା ।

ସୁପ୍ରିମକୋର୍ଟଙ୍କ ବିଜ୍ଞତାକୁ ସମ୍ମାନ ଜଣାଇ ସେ କହିଛନ୍ତି ଏଥିରୁ ଶିକ୍ଷାଲାଭ କରିବାକୁ ଉଦ୍ୟମ ହେବା ଉଚିତ ଓ ଆଗକୁ ପ୍ରଣୀତ ହେବାକୁ ଥିବା ଆଇନ ଗୁଡ଼ିକରେ ସ୍ୱଚ୍ଛତାକୁ ନିଶ୍ଚିତ କରାଯିବା ଆବଶ୍ୟକ ।

ସରକାରଙ୍କ ସଂସ୍କାର ଗୁଡ଼ିକୁ ବିରୋଧ କରୁଥିବାରୁ ସେ ବିରୋଧୀ ଦଳଗୁଡ଼ିକର ସମାଲୋଚନା କରିଛନ୍ତି । ଅର୍ଥମନ୍ତ୍ରୀ କହିଛନ୍ତି ମୋଦୀ ସରକାର ଅନେକ ସଂସ୍କାର ଲାଗୁ କରିଛନ୍ତି । ରାଜନୈତିକ ଦଳଗୁଡ଼ିକ ଦ୍ୱାରା ମାଗଣା ଯୋଜନା ଘୋଷଣା ବିଷୟରେ ସେ କହିଛନ୍ତି ଭୋଟ୍ ପାଇବା ପାଇଁ ସେମାନେ ଏଭଳି କରୁଛନ୍ତି । ଦୁର୍ନୀତି ହ୍ରାସ କରିବା ପାଇଁ ପ୍ରଧାନମନ୍ତ୍ରୀଙ୍କ ଭିଜନ୍‌କୁ ସେ ସ୍ୱାଗତ କରିଛନ୍ତି ।

## ଇସିଆଇ-ଲୋକସଭା ପୋଲ୍ସ

ନିର୍ବାଚନ କମିଶନ ଆସନ୍ତାକାଲି ଲୋକସଭା ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରିବ । ନୂଆଦିଲ୍ଲୀର ବିଜ୍ଞାନ ଭବନ ଠାରେ ଆସନ୍ତାକାଲି ଅପରାହ୍ନରେ ଲୋକସଭା ନିର୍ବାଚନ କାର୍ଯ୍ୟସୂଚୀ ଘୋଷଣା କରାଯିବ । ଲୋକସଭା ନିର୍ବାଚନ ସହିତ କିଛି ରାଜ୍ୟର ବିଧାନସଭା ନିର୍ବାଚନ ମଧ୍ୟ ଅନୁଷ୍ଠିତ ହେବ । ଚଳିତ ଲୋକସଭାର କାର୍ଯ୍ୟକାଳ ଆସନ୍ତା ଜୁନ୍ ମାସ ୧୬ ତାରିଖରେ ଶେଷ ହେବ ।

୨୦୧୯ ଲୋକସଭା ନିର୍ବାଚନ ପାଇଁ କାର୍ଯ୍ୟସୂଚୀ ମାର୍ଚ୍ଚ ୧୦ ତାରିଖରେ ଘୋଷଣା କରାଯାଇଥିଲା ଓ ଏପ୍ରିଲ୍ ଏବଂ ମେ ମାସରେ ୭ଟି

ପର୍ଯ୍ୟାୟରେ ନିର୍ବାଚନ କରାଯାଇଥିଲା । ଏଥରକ ମଧ୍ୟ ଏପ୍ରିଲ୍ ଓ ମେ ମାସରେ ଅନେକ ପର୍ଯ୍ୟାୟରେ ନିର୍ବାଚନ କରାଯିବ ।

# ଫ୍ରାନ୍ସ ଓ୍ୱାର୍ଣ୍ଣିଂ

ଫ୍ରାନ୍ସ ରାଷ୍ଟ୍ରପତି ଏମାନୁଏଲ୍ ମାକ୍ରନ୍' ୟୁକ୍ରେନ୍ ପ୍ରତି ସମର୍ଥନ ଉପରେ ମେମ୍ବରମାନଙ୍କ ଦ୍ୱାରା କଟକଣା ଲାଗୁ ବିରୁଦ୍ଧରେ ସତର୍କ କରାଇଛନ୍ତି । ଏକ ସାକ୍ଷାତକାରରେ ସେ କହିଛନ୍ତି ରୁଷ୍ ଆକ୍ରମଣ ବିରୁଦ୍ଧରେ ୟୁକ୍ରେନ୍‌ର ଯୁଦ୍ଧ ଯୋଗୁଁ ୟୁରୋପର ନିରାପତ୍ତା ପ୍ରତି ବିପଦ ସୃଷ୍ଟି ହୋଇଛି । ସେ କହିଛନ୍ତି ଯଦି ରୁଷ୍ ଏହି ଯୁଦ୍ଧରେ ବିଜୟୀ ହୁଏ, ତେବେ ୟୁରୋପର ବିଶ୍ୱସନୀୟତା ଶୂନ୍ୟସ୍ତରକୁ ଚାଲିଯିବ ।

# ପିଏମ୍ କନ୍ୟାକୁମାରୀ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ତାମିଲନାଡୁରେ ଶାସକ ବିଜେପି ପାଇଁ ବ୍ୟାପକ ସମର୍ଥନ ଦେଖିବାକୁ ମିଳିଛି । କନ୍ୟାକୁମାରୀର ଅଗସ୍ତିସ୍ୱରମ୍ ଠାରେ ଏକ ସଭାରେ ଉଦ୍‌ବୋଧନ ଦେଇ ୧୯୯୧ ମସିହାରେ କନ୍ୟାକୁମାରୀରୁ କାଶ୍ମୀର ପର୍ଯ୍ୟନ୍ତ ସେ କରିଥିବା ଯାତ୍ରା ବିଷୟରେ ସେ ଉଲ୍ଲେଖ କରିଛନ୍ତି । ସେ କହିଛନ୍ତି ଲୋକମାନେ ଦେଶର ବିକାଶ ଚାହୁଁଛନ୍ତି, କିନ୍ତୁ ବିରୋଧୀ ଦଳମାନେ ବିଭାଜନ ରାଜନୀତି ଓ

ଦୁର୍ନୀତିରେ ଲିପ୍ତ ଅଛନ୍ତି । ବିକାଶ ପଥରେ ପ୍ରତିବନ୍ଧକ ସୃଷ୍ଟି କରୁଥିବା ଦୁର୍ନୀତି ଗୁଡ଼ିକର ଉଲ୍ଲେଖ କରି ସେ କହିଛନ୍ତି ଇଣ୍ଡିଆ ମେଣ୍ଟର ଦଳଗୁଡ଼ିକ କେବେ ଲୋକମାନଙ୍କ କଲ୍ୟାଣକୁ ଧ୍ୟାନ ଦେଇ ନାହାନ୍ତି । ସେ କହିଛନ୍ତି ବିଜେପି ସରକାର ୧୩୦ କୋଟି ଟଙ୍କା ମୂଲ୍ୟର ମୌଳିକ ଢ଼ାଞ୍ଚା ବିକାଶ ଯୋଜନାଗୁଡ଼ିକୁ କାର୍ଯ୍ୟକାରୀ କରିଛନ୍ତି । ୟୁପିଏ ସମୟରେ ରେଳବାଇର ବିକାଶ ପାଇଁ ୮୦୦ କୋଟି ଟଙ୍କା ବଣ୍ଟନ କରାଯାଇଥିବା ବେଳେ ବର୍ତ୍ତମାନ ୬ ହଜାର ୩୦୦ କୋଟି ଟଙ୍କା ଦିଆଯାଇଛି । ପ୍ରଧାନମନ୍ତ୍ରୀ କହିଛନ୍ତି ସରକାର ମତ୍ସ୍ୟଜୀବୀମାନଙ୍କ ବିଷୟକୁ ଶ୍ରୀଲଙ୍କା ସରକାରଙ୍କ ସମ୍ମୁଖରେ ଉତ୍ଥାପନ କରିଛନ୍ତି ଓ ସେମାନଙ୍କୁ ଶ୍ରୀଲଙ୍କା ଜେଲ୍‌ରୁ ଖଲାସ କରିଛନ୍ତି । ପ୍ରଧାନମନ୍ତ୍ରୀ ତିରୁବନ୍ତପୁରମ୍‌ଠାରେ ପହଞ୍ଚିବା ପରେ ସେଠାରୁ କନ୍ୟାକୁମାରୀ ଯାଇଥିଲେ । ବୈଠକ ଶେଷ ହେବା ପରେ ସେଠାରୁ ସେ ତିରୁବନନ୍ତପୁରମ୍ ପ୍ରତ୍ୟାବର୍ତ୍ତନ କରିଛନ୍ତି ।

## ୟୁକେ ଏକ୍ସଟ୍ରିମିଜିମ୍ ଡେଫିନେସନ

ବ୍ରିଟେନ୍ ସରକାର ଉଗ୍ରବାଦର ନୂଆ ସଂଜ୍ଞା ନିରୂପରଣ କରିଛନ୍ତି । ନୂଆ ସଂଜ୍ଞା ଅନୁସାରେ କିଛି ଗୋଷ୍ଠୀ ସରକାରୀ ପାଣ୍ଠି ପାଇବା ଓ ଅଫିସରମାନଙ୍କୁ ଭେଟିବାରୁ ବାସନ୍ଦ ହେବେ । ଏହି ନୂଆ ସଂଜ୍ଞା ମୌଳବାଦ ନୀତିର ପ୍ରସାରକୁ ରୋକିବା ପାଇଁ ଉଦ୍ଦିଷ୍ଟ । ବ୍ରିଟେନ୍‌ରେ

ଉଗ୍ରବାଦର ସଂଜ୍ଞା ଅନୁସାରେ ବର୍ତ୍ତମାନ ହିଂସା ଉପରେ ପର୍ଯ୍ୟବେସିତ ନୀତିର ପ୍ରସାର, ଘୃଣାଭାବ କିମ୍ବା ଅସହିଷ୍ଣୁତା ଓ ମୌଳିକ ଅଧିକାରକୁ ନଷ୍ଟ କରୁଥିବା ନୀତି, ଅନ୍ୟମାନଙ୍କ ସ୍ୱାଧୀନତାକୁ ଆଞ୍ଚ ଆଣୁଥିବା ନୀତି, ବ୍ରିଟେନର ସଂସଦୀୟ ଗଣତନ୍ତ୍ରକୁ କ୍ଷତି ପହଞ୍ଚାଉଥିବା ଏବଂ ଲୋକମାନଙ୍କର ଗଣତାନ୍ତ୍ରିକ ଅଧିକାରକୁ କ୍ଷତି ପହଞ୍ଚାଉଥିବା ନୀତି ଆସୁଛି ।

ବ୍ରିଟେନ ପ୍ରଧାନମନ୍ତ୍ରୀ ରିଷି ସୁନାକ୍ କହିଥିଲେ ଇସ୍ଲାମୀୟ ଓ ଦକ୍ଷିଣପନ୍ଥୀ ଉଗ୍ରବାଦୀମାନେ ବ୍ରିଟେନ୍‌ର ଗଣତନ୍ତ୍ରକୁ ନଷ୍ଟ କରିବାକୁ ଚାହୁଁଛନ୍ତି । କମ୍ୟୁନିଟିଜ୍ ସେକ୍ରେଟାରୀ ମାଇକେଲ୍ ଗୋବ୍ କହିଛନ୍ତି ହମାସ୍ ଆକ୍ରମଣ ଠାରୁ ଉଗ୍ରବାଦରେ ବୃଦ୍ଧି ଘଟିବା ଯୋଗୁଁ ବ୍ରିଟେନ ପ୍ରତି ବିପଦ ସୃଷ୍ଟି ହୋଇଛି ।

## ଫେରୋସେସ୍ ଡଗ୍

କେନ୍ଦ୍ର ସରକାର ଭୟଙ୍କର କୁକୁର ଗୁଡ଼ିକର ବିକ୍ରିକୁ ନିଷେଧ କରିବାକୁ ପ୍ରସ୍ତାବ ରଖିଛନ୍ତି । ପଶୁପାଳନ ମନ୍ତ୍ରଣାଳୟ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳ ଗୁଡ଼ିକୁ ଏଥିପାଇଁ ନିର୍ଦ୍ଦେଶ ଜାରି କରିଛି । ଏହା ଅନୁସାରେ ଏଭଳି କୁକୁର ଗୁଡ଼ିକର ବିକ୍ରୟ ଓ ସେଗୁଡ଼ିକର ବଂଶବୃଦ୍ଧିକୁ ନିଷେଧ କରାଯିବ । ଏଭଳି ୨୩ କିସମର କୁକୁର ମାନବ ଜୀବନ ପ୍ରତି ବିପଜ୍ଜନକ ବୋଲି ଜଣାପଡ଼ିଛି । ପଶୁପାଳନ ବିଭାଗ କହିଛି ସର୍ବସାଧାରଣଙ୍କ ଜୀବନ ପ୍ରତି

ବିପଦ ଦୃଷ୍ଟିରୁ ସରକାର ଏଭଳି ନିଷେଧ ବିଷୟରେ ଚିନ୍ତା କରୁଛନ୍ତି । ସେହି କୁକୁର ଗୁଡ଼ିକ ମଧ୍ୟରେ ରୋଟୱେଲର୍ସ, ପିଟ୍ ବୁଲ୍ସ, ଆମେରିକାନ୍ ବୁଲ୍ଡଗ୍ସ ପ୍ରଭୃତି ଆସୁଛନ୍ତି ।

## ରୁଷ୍ ଇଲେକ୍ସନ

ରୁଷର ୩ଦିନ ବ୍ୟାପୀ ରାଷ୍ଟ୍ରପତି ନିର୍ବାଚନ ପାଇଁ ମତଦାନ ଆରମ୍ଭ ହୋଇଛି । ରୁଷ୍‌ର ଚୁକୋଟ୍‌କା ଓ କାମ୍‌ଚଟ୍‌କା ରେ ଆଜି ସକାଳୁ ମତଦାନ ଆରମ୍ଭ ହୋହଇଛି । କାମ୍‌ଚଟ୍‌କା ଗଭର୍ଣ୍ଣର ବ୍ଲାଦିମିର ସୋଲୋଦୋଗ୍ ପ୍ରଥମେ ତାଙ୍କର ମତଦାନ କରିଛନ୍ତି । ରବିବାର ଦିନ ଭାରତୀୟ ସମୟ ରାତି ୧୧ଟା ୩୦ ମିନିଟ୍‌ରେ କାଲିନିନ୍ ଗ୍ରାଡ୍ ରେ ମତଦାନ ଶେଷ ହେବ । ରୁଷ୍‌ର ଲୋକମାନେ ପରବର୍ତ୍ତୀ ୬ ବର୍ଷ ପାଇଁ ଦେଶର ରାଷ୍ଟ୍ରପତିଙ୍କୁ ନିର୍ବାଚିତ କରିବା ଲାଗି ମତଦାନ କରୁଛନ୍ତି । ପ୍ରଥମଥର ପାଇଁ ରୁଷ୍ ରେ ଅନ୍‌ଲାଇନ୍ ମତଦାନର ବିକଳ୍ପ ବ୍ୟବହାର କରାଯାଉଛି । କ୍ରିମିଆ, ଡୋନ୍‌ବାସ୍ ଓ ନୋବୋରୋସିଆ ସମେତ ୨୭ଟି ଅଞ୍ଚଳରେ ଅନ୍‌ଲାଇନ ମତଦାନର ବିକଳ୍ପ ବ୍ୟବହାର କରାଯାଉଛି । ସେହି ଅଞ୍ଚଳ ଗୁଡ଼ିକୁ ରୁଷ୍' ୟୁକ୍ରେନ୍‌ଠାରୁ ଜିତିଥିଲା । ପ୍ରଥମଥର ପାଇଁ ଡୋନବାସ ଓ ନୋବୋରୋସିଆର ଲୋକମାନେ ରୁଷ ରାଷ୍ଟ୍ରପତି ନିର୍ବାଚନରେ ମତଦାନ

କରୁଛନ୍ତି । ରୁଷ୍ ଅଧୀକୃତ ଦୋନେସ୍କୋ, ଲୁହାନସ୍କୋ, ଖେରସନ୍ ଓ ଜାପୋରଜିଆ ରେ ମତଦାନ ଆରମ୍ଭ ହୋଇସାରିଛି ।